# ଅଧ୍ୟାୟ 6

## ସନ୍ଦେହଜନକ ପ୍ରବଞ୍ଚନା ଏବଂ ଦୁର୍ନୀତି

ଏହି ଅଧ୍ୟାୟରେ ପିଏମ୍‌ଏସ୍ ଯୋଜନାର କାର୍ଯ୍ୟାନ୍ୱୟନରେ ଥିବା ଅନିୟମିତତା ଯେପରିକି ସ୍ୱୀକୃତିବିହୀନ ପ୍ରତିଷ୍ଠାନ ଦ୍ୱାରା ବୃତ୍ତି ରାଶିର ସନ୍ଦେହଜନକ ପ୍ରବଞ୍ଚନା ଏବଂ ପ୍ରତିଷ୍ଠାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅନୁଷ୍ଠାନର ବ୍ୟାଙ୍କ ଆକାଉଣ୍ଟକୁ ବୃତ୍ତି ରାଶିର ପ୍ରେରଣ ବିଷୟରେ ଆଲୋଚନା କରାଯାଇଛି । ଉପଯୁକ୍ତ ପର୍ଯ୍ୟାଲୋଚନାର ଅଭାବ ଯୋଗୁଁ ପାଠ୍ୟକ୍ରମ ସମାପ୍ତ କରିନଥିବା ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା । ନମୁନା ଡିଡବ୍ଲୁଓ, ଅନୁଷ୍ଠାନ, ମନୋନୀତ ବ୍ୟାଙ୍କ ଗୁଡ଼ିକର ରେକର୍ଡଗୁଡ଼ିକ ଯାଞ୍ଚ ଏବଂ ଅନୁଷ୍ଠାନର ମିଳିତ ଭୌତିକ ଯାଞ୍ଚ ସଂଚାଳନ ଅଡିଟ୍ କରିଥିଲା ଏବଂ ବୃତ୍ତିର ସନ୍ଦେହଜନକ ପ୍ରବଞ୍ଚନାତ୍ମକ ମାମଲା ପାଇଥିଲା । ଅବଲୋକନଗୁଡ଼ିକ ପ୍ରଧାନ ଅଂଶ ଭାବରେ ଏହି ଅଧ୍ୟାୟରେ ଉଲ୍ଲେଖ କରାଯାଇଛି ।

- ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଯାଞ୍ଚ ପାଇଁ ବିସ୍ତୃତ ଯାଞ୍ଚ ତାଲିକା ଅଭାବରୁ 15 ଟି ଅଯୋଗ୍ୟ ପ୍ରତିଷ୍ଠାନର 5,185 ହିତାଧିକାରୀଙ୍କୁ ପିଏମ୍‌ଏସ୍ ଯୋଜନାରେ 2016-20 ମଧ୍ୟରେ 15.79 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।
- ଛଅଟି ନମୁନା ଜିଲ୍ଲାର 22 ନମୁନା ପ୍ରତିଷ୍ଠାନରେ 2,996 ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ବନ୍ଦ କରିବା ପରେ ମଧ୍ୟ 2017-21 ଅବଧିରେ 7.36 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।
- ଗୋଟିଏ ଶିକ୍ଷାନୁଷ୍ଠାନ ପାଠପଢ଼ା ଛାଡ଼ିଥିବା ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ବୃତ୍ତି ପାଇଁ ଆବେଦନ କରିଥିଲେ ଏବଂ 2.36 କୋଟି ଟଙ୍କାର ବୃତ୍ତି ରାଶି ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାରେ ଏବଂ ପରବର୍ତ୍ତୀ ସମୟରେ ସହ ପାଣ୍ଠିକୁ ସନ୍ଦେହଜନକ ପ୍ରବଞ୍ଚନାତ୍ମକ ଭାବରେ ଅନୁଷ୍ଠାନର ବ୍ୟାଙ୍କ ଆକାଉଣ୍ଟକୁ ଅନ୍ତରଣ କରିଥିଲେ ।

## 6.1 ସନ୍ଦେହଜନକ ପ୍ରବଞ୍ଚନା ଏବଂ ଦୁର୍ନୀତି

ଯୋଜନା ଆୟୋଗ, ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା, ଡିବିଟିର ହ୍ୟାଣ୍ଡବୁକରେ ଥିବା ବ୍ୟବସ୍ଥା ଅନୁଯାୟୀ ହିତାଧିକାରୀଙ୍କ ସଠିକ୍ ଚିହ୍ନଟ ନିଶ୍ଚିତ କରିବା ସହିତ ଠକେଇ ଏବଂ ଦୁର୍ନୀତି ହ୍ରାସ କରିବା ଡିବିଟିର ଲକ୍ଷ୍ୟ ଅଟେ । ସରକାରୀ ଅର୍ଥର ବାଟମାରଣାକୁ ରୋକିବା ଓ ଠକେଇ ମାମଲାଗୁଡ଼ିକର ସଫଳତା ସହିତ ପ୍ରତିରୋଧ କରିବାରେ ବିଭାଗର ଦକ୍ଷତା ଜାଣିବା ପାଇଁ, ଅଡିଟ୍ ଡିବିଟି ଅନ୍ତର୍ଗତ ଉଭୟ ପିଏମ୍ଏସ୍ ଓ ମେଧାବୃତ୍ତି ଯୋଜନାର କାର୍ଯ୍ୟାନ୍ୱୟନ ଯାଞ୍ଚ କରିଥିଲେ । ଏହି ସମ୍ବନ୍ଧୀୟ ଅଡିଟ୍ ମନ୍ତବ୍ୟଗୁଡ଼ିକ ନିମ୍ନ ଅନୁଚ୍ଛେଦଗୁଡ଼ିକରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି ।

### 6.1.1 ବୃତ୍ତି ପୋର୍ଟାଲ ପାଇଁ ୟୁଜର୍ସ ଆଇଡି ଜାରି କରିବା ପୂର୍ବରୁ ଡିଡବ୍ଲୁଓମାନଙ୍କ ଦ୍ୱାରା ଅନୁଷ୍ଠାନର ଯାଞ୍ଚ ପାଇଁ ଏକ ବିସ୍ତୃତ ପ୍ରକ୍ରିୟାର ଅନୁପସ୍ଥିତି ହେତୁ 15.79 କୋଟି ଟଙ୍କାର ସରକାରୀ ପାଣ୍ଠିର ଦୁରୁପଯୋଗ

ପ୍ରେରଣା ପୋର୍ଟାଲରେ ପଞ୍ଜିକରଣ କରିବାକୁ ଏବଂ ସେମାନଙ୍କର ଅନୁବନ୍ଧନ ବିବରଣୀ, ପ୍ରଚଳିତ ପାଠ୍ୟକ୍ରମ, ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ଅନୁମୋଦିତ ସିଟ୍ ସଂଖ୍ୟା ଇତ୍ୟାଦିର ପ୍ରବେଶ/ ଅଦ୍ୟତନ ପାଇଁ, ପିଏମ୍ଏସ୍ ସଫ୍ଟୱେୟାର ମାନୁଆଲ୍ ଅନୁଯାୟୀ, ସମସ୍ତ ମହାବିଦ୍ୟାଳୟ/ ଅନୁଷ୍ଠାନଗୁଡ଼ିକୁ ଡିଡବ୍ଲୁଓମାନେ ବ୍ୟବହାରିକ ଆଇଡି ଓ ପାସ୍ୱାର୍ଡ ପ୍ରଦାନ କରିବା ଆବଶ୍ୟକ । ଏହି ଆଇଡି ଏବଂ ପାସ୍ୱାର୍ଡ ବ୍ୟବହାର କରି କଲେଜ/ ପ୍ରତିଷ୍ଠାନଗୁଡ଼ିକ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଆବେଦନଗୁଡ଼ିକୁ ବିଭାଗକୁ ପ୍ରେରଣ ନିମନ୍ତେ ସଂପୃକ୍ତ ଡିଡବ୍ଲୁଓ କାର୍ଯ୍ୟାଳୟକୁ ପଠାନ୍ତି । ମାଟ୍ରିକ୍ ପରବର୍ତ୍ତୀ ପାଠ୍ୟକ୍ରମ ପାଇଁ ଏହି ବୃତ୍ତି ସୁବିଧା ପ୍ରଦାନ କରିବାର ସମ୍ଭାବନା ଥିବା ଅନୁଷ୍ଠାନଗୁଡିକ ମଧ୍ୟରେ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ଏବଂ ଡିପ୍ଲୋମା ଅନୁଷ୍ଠାନ ଅନ୍ତର୍ଭୁକ୍ତ । ଓଡ଼ିଶା ସାରା ସେମାନଙ୍କ ଦ୍ୱାରା ପରିଚାଳିତ ଡିପ୍ଲୋମା କିମ୍ବା ଆଇଟିଆଇ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନାମ ଲେଖାଇବା ପାଇଁ ରାଜ୍ୟ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ତାଲିମ୍ ପରିଷଦ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା (ଏସ୍ଡିଟିଇ) ବିଭାଗର ସହବନ୍ଧନ ଥିବା ଆବଶ୍ୟକ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ପିଏମ୍ଏସ୍ ଅନୁମୋଦନ ଉଦ୍ଦେଶ୍ୟରେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ଯାଞ୍ଚ ପାଇଁ କୌଣସି ବ୍ୟବସ୍ଥା ନଥିଲା । ପିଏମ୍ଏସ୍‌ର ନିର୍ଦ୍ଦେଶାବଳୀ (ମଇ 2018) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହେବାକୁ ଥିବା ଅଧିକାରୀଙ୍କ ଦ୍ୱାରା ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ନିରୀକ୍ଷଣ ବାଧ୍ୟତାମୂଳକ କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ଏସ୍ଏସ୍ଡି ବିଭାଗ ଯାଞ୍ଚ ଉଦ୍ଦେଶ୍ୟରେ ଜିଲ୍ଲା କମିଟିର ଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲା (ଅଗଷ୍ଟ 2018) ।

ପ୍ରେରଣା ଡାଟାବେସ୍‌ର ବିଶ୍ଳେଷଣରୁ ଅଡିଟ୍ ଲକ୍ଷ୍ୟ କଲେ ଯେ 2017-2020 ମଧ୍ୟରେ ପ୍ରେରଣା ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଛଅଟି ଜିଲ୍ଲାର 30 ଟି ଅନୁଷ୍ଠାନ ଭାରତ ସେବକ ସମାଜ (ବିଏସ୍ଏସ୍), ତାମିଲନାଡୁ ଏବଂ ନେସନାଲ୍ କାଉନସିଲ୍ ଅଫ୍ ଭୋକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଙ୍ଗ୍ (ଏନ୍ସିଭିଆର୍‌ଟି) ରୁ ସହବନ୍ଧନ ପାଇଥିଲା । ଏହି 30 ଟି ଅନୁଷ୍ଠାନ ମଧ୍ୟରୁ 26 ଟି ଅନୁଷ୍ଠାନରେ 2017-20 ମଧ୍ୟରେ 8,557 ଛାତ୍ରୀଛାତ୍ର ପିଏମ୍ଏସ୍ ପାଇଁ ଆବେଦନ କରିଥିଲେ । ଏଥି ମଧ୍ୟରୁ 15 ଟି ଅନୁଷ୍ଠାନର 5,185 ହିତାଧିକାରୀଙ୍କୁ 2016-20 ଅବଧିରେ ମଧ୍ୟରେ 15.79 କୋଟି ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା (***ପରିଶିଷ୍ଟ 6.1***) । ସମୀକ୍ଷା ଲକ୍ଷ୍ୟ କଲେ ଯେ, ବିଏସ୍ଏସ୍ କିମ୍ବା ଏନ୍ସିଭିଆର୍‌ଟି ଡିପ୍ଲୋମା ପାଠ୍ୟକ୍ରମ ପ୍ରଚଳନ ପାଇଁ ଅନୁଷ୍ଠାନଗୁଡ଼ିକୁ ସହବନ୍ଧିତ କରିବା ପାଇଁ ଯୋଗ୍ୟ କର୍ତ୍ତୃପକ୍ଷ ହୋଇ ନଥିବା ବିଷୟ ଏସ୍ଡିଟିଇ ବିଭାଗ, ଏସ୍ଏସ୍ଡି ବିଭାଗକୁ ଜଣାଇଥିଲା (ନଭେମ୍ବର 2019) । ତଦନୁସାରେ ଏସ୍ଏସ୍ଡି ବିଭାଗ ଡିଡବ୍ଲୁଓ ମାନଙ୍କୁ ଏହି ସଂସ୍ଥାଗୁଡ଼ିକ ଦ୍ୱାରା ସହବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକର ପଞ୍ଜିକରଣକୁ ଅନୁମତି ନଦେବାକୁ ନିର୍ଦ୍ଦେଶ ଦେଇଥିଲା (ଡିସେମ୍ବର 2019) । ପ୍ରକୃତ କଥା ହେଉଛି, ପ୍ରେରଣା ସିଷ୍ଟମରେ ବିସ୍ତୃତ ମାନଦଣ୍ଡର ଅନ୍ତର୍ଭୁକ୍ତ ନହେବା ସହିତ ବିଭାଗ ପକ୍ଷରୁ ପର୍ଯ୍ୟାଲୋଚନାର ଅଭାବ ହେତୁ 5,185 ଜଣ ଛାତ୍ରୀଛାତ୍ରଙ୍କୁ ଅନିୟମିତ ଭାବେ ବୃତ୍ତି ପ୍ରଦାନ କରାଯାଇସାରିଥିଲା ।

ଅଡିଟ୍ ଅଧିକାରୀଙ୍କ ଉପସ୍ଥିତିରେ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ (ଡବ୍ଲୁଇଓ) ଏବଂ ସହକାରୀ ଜିଲ୍ଲା କଲ୍ୟାଣ ଅଧିକାରୀ (ଏଡିଡବ୍ଲୁଓ) ଙ୍କ ଦ୍ୱାରା ଏନ୍ସିଭିଆର୍‌ଟି ଏବଂ ବିବିଏସ୍ ଦ୍ୱାରା ସହବନ୍ଧିତ 16 ଅନୁଷ୍ଠାନର ମିଳିତ ଭୌତିକ

ଯାଞ୍ଚ ସେପ୍ଟେମ୍ବର ଏବଂ ଅକ୍ଟୋବର 2021 ରେ କରାଯାଇଥିଲା । ଏହି ଯାଞ୍ଚ ଗୁଡ଼ିକର ଫଳାଫଳଗୁଡ଼ିକ ନିମ୍ନ ସାରଣୀରେ ସଂକ୍ଷିପ୍ତ ଭାବରେ ଦର୍ଶାଯାଇଛି ।

***ସାରଣୀ 6.1: ଜେପିଆଇର ଫଳାଫଳ***

| ବିବରଣୀ | ମୟୁରଭଞ୍ଜ | ବାଲେଶ୍ୱର | ମୋଟ |
|---|---|---|---|
| (କ) ଜେପିଆଇ କରାଯାଇଥିବା କଲେଜ ଗୁଡ଼ିକର ସଂଖ୍ୟା | 11 | 5 | **16** |
| (ଖ) ଆବଶ୍ୟକ ମୌଳିକ ଭିତ୍ତିଭୂମି ଯେପରିକି ଶ୍ରେଣୀଗୃହ/ ଲାବୋରେଟୋରୀ/କର୍ମଶାଳା/ ହଷ୍ଟେଲ/ ଅଧ୍ୟାପକ ଏବଂ ଅଣ ଶିକ୍ଷକ କର୍ମଚାରୀ ଇତ୍ୟାଦି ନ ଥିବା କଲେଜ ଗୁଡ଼ିକର ସଂଖ୍ୟା | 8 | 0 | **8** |
| (ଗ) ଅସ୍ତିତ୍ୱ ନଥିବା ସଂସ୍ଥାଗୁଡ଼ିକର ସଂଖ୍ୟା | 3 | 5 | **8** |
| (ଘ) (ଗ) ରୁ ଆବେଦନ ସଂଖ୍ୟା 2016-20 ମଧ୍ୟରେ ଅନୁମୋଦିତ | 426 | 82 | **508** |
| (ଙ) (ଘ) ସମ୍ବନ୍ଧରେ (କୋଟିରେ) ରେ ପ୍ରଦାନ କରାଯାଇଥିବା ପିଏମ୍ଏସ୍ ର ପରିମାଣ(ଟଙ୍କା କୋଟିରେ) | 1.23 | 0.23 | **1.46** |

***(ଉତ୍ସ: ଅନୁଷ୍ଠାନର ଜେପିଆଇ, ଡିଡବ୍ଲୁଓ ଏବଂ ପ୍ରେରଣା/ ଆଇଏଫ୍ଏମ୍ଏସ୍ ଡାଟାବେସ୍ ତଥ୍ୟ)***

- ***ଅସ୍ତିତ୍ୱ ନଥିବା ଆଠଟି ଅନୁଷ୍ଠାନ:*** ମିଳିତ ଯାଞ୍ଚ ସମୟରେ ଯାଞ୍ଚ ହୋଇଥିବା 16 ଟି ଅନୁଷ୍ଠାନରୁ ଜଣାଗଲା ଯେ ଆଠଟି ଅନୁଷ୍ଠାନର ଅସ୍ତିତ୍ୱ ନଥିଲା ଏବଂ ଏହି ଅନୁଷ୍ଠାନଗୁଡ଼ିକର ଅସ୍ତିତ୍ୱ ସ୍ଥାନୀୟ ଲୋକଙ୍କ ଠାରୁ ମଧ୍ୟ ଜଣା ପଡ଼ିନଥିଲା । କେବଳ ଦୁଇଟି ମାମଲା ବ୍ୟତୀତ ମୟୁରଭଞ୍ଜର ସଂପୃକ୍ତ ଡିଡବ୍ଲୁଓ ଦ୍ୱାରା କରାଯାଇଥିବା କୌଣସି ଯାଞ୍ଚର ବିବରଣୀ ଏବଂ ଯାଞ୍ଚ ରିପୋର୍ଟ ମଧ୍ୟ ଉପଲବ୍ଧ ନଥିଲା ଯାହା ***ଅନୁଚ୍ଛେଦ 4.5.2*** ରେ ଆଲୋଚନା କରାଯାଇଛି ।

- ***ଅନ୍ୟ ଆଠଟି ଅନୁଷ୍ଠାନର ସ୍ଥିତି :*** ଏସ୍ଏସ୍ଡି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଡିଡବ୍ଲୁଓ ଦ୍ୱାରା ମୟୁରଭଞ୍ଜ ଜିଲ୍ଲାର ଅନ୍ୟ ଆଠଟି ଅନୁଷ୍ଠାନର ଆବେଦନଗୁଡ଼ିକ ପ୍ରତ୍ୟାଖ୍ୟାନ ହେବା ପରେ 2020 ରୁ କାର୍ଯ୍ୟ କରିବା ବନ୍ଦ କରି ଦେଇଥିଲେ । ସେତେବେଳକୁ ସାତଟି ଅନୁଷ୍ଠାନର 29 ଜଣ ଛାତ୍ରୀଛାତ୍ର 2017-18 ଏବଂ 2018-19 ମଧ୍ୟରେ 7.13 ଲକ୍ଷ ଟଙ୍କା ପିଏମ୍ଏସ୍ ପାଇଥିଲେ । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଏହି 29 ଜଣ ଛାତ୍ରୀଛାତ୍ରଙ୍କୁ ଅନ୍ୟ ଅନୁଷ୍ଠାନରୁ 4.71 ଲକ୍ଷ ଟଙ୍କାର ପିଏମ୍ଏସ୍ ବାବଦରେ ପ୍ରଦାନ କରାଯାଇଥିଲା, ଯାହା ***ଅନୁଚ୍ଛେଦ 5.1.2*** ରେ ଉଲ୍ଲେଖ କରାଯାଇଛି ।

- ***ଭିତ୍ତିଭୂମି ବିନା ଚାଲୁଥିବା ଅନୁଷ୍ଠାନଗୁଡ଼ିକ :*** ମୟୁରଭଞ୍ଜ ଜିଲ୍ଲାର ଏକ ଅନୁଷ୍ଠାନର[59] ନିଜସ୍ୱ ଭିତ୍ତିଭୂମି (ଶ୍ରେଣୀ ଗୃହ, କର୍ମଶାଳା, କର୍ମଚାରୀ କୋଠରୀ, ଇତ୍ୟାଦି) ନଥିଲା ଏବଂ ଅନ୍ୟ ପଡୋଶୀ ଅନୁଷ୍ଠାନର ଭିତ୍ତିଭୂମି ବ୍ୟବହାର କରୁଥିଲା । ଜିଲ୍ଲାର ଅନ୍ୟ ସାତଟି ଅନୁଷ୍ଠାନ[60] କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ତୁଳନାରେ ଭିତ୍ତିଭୂମି ପର୍ଯ୍ୟାପ୍ତ ନଥିବା ଲକ୍ଷ୍ୟ କରାଯାଇଥିଲା । ଉଦାହରଣ ସ୍ୱରୂପ ଗୋଟିଏ ଅନୁଷ୍ଠାନରେ କେବଳ 792 ଛାତ୍ରୀଛାତ୍ରଙ୍କ ପାଇଁ ଗୋଟିଏ ଶ୍ରେଣୀ ଗୃହ ଉପଲବ୍ଧ ଥିଲା ଏବଂ ସେମାନଙ୍କ ପାଇଁ ଏହି ଅନୁଷ୍ଠାନର କୌଣସି କର୍ମଶାଳା ନଥିଲା । ଏହା ବ୍ୟତୀତ, ଏହା ମଧ୍ୟ ଦେଖାଯାଇଥିଲା ଯେ ଆଇଟିଇଟି ଧନ୍ଦାମୂଳକ ତାଲିମ୍ କେନ୍ଦ୍ରରେ 288 ହିତାଧିକାରୀଙ୍କୁ ହଷ୍ଟେଲ ଅନ୍ତେବାସୀଙ୍କ ପାଇଁ ପ୍ରଯୁଜ୍ୟ ହାରରେ ପିଏମ୍ଏସ୍ ପ୍ରଦାନ କରାଯାଇଥିଲା, ଯଦିଓ ଅନୁଷ୍ଠାନରେ କୌଣସି ହଷ୍ଟେଲ ଉପଲବ୍ଧ ନଥିଲା । ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟକାରିତା ବିଷୟରେ ଜାଣିବା ପାଇଁ ଶିକ୍ଷକ ଓ କର୍ମଚାରୀଙ୍କ ବିବରଣୀ ଏବଂ ହଷ୍ଟେଲ ରେକର୍ଡଗୁଡ଼ିକ ଅଡିଟ୍‌କୁ ଉପଲବ୍ଧ କରାଯାଇନଥିଲା ।

---

59 ଗ୍ଲୋବାଲ ଇନଷ୍ଟିଚ୍ୟୁଟ ଅଫ୍ ସେଫ୍ଟି ଏଣ୍ଡ ଟ୍ରେନିଙ୍ଗ୍, ଗଡ଼ଦେଉଳିଆ

60 ଆଶୁତୋଷ ଭୋକେସନାଲ ଟ୍ରେନିଂ ସେଣ୍ଟର, ରଘୁନାଥପୁର, ବାରିପଦା; ମୟୁରଭଞ୍ଜ ସେଫ୍ଟି ଟ୍ରେନିଙ୍ଗ୍ ଇନ୍ଷ୍ଟିଚ୍ୟୁଟ୍ ଓ ଆଇଭିଇଟି ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର, ବୈଶିଙ୍ଗା; ଆଇଟିଇଟି ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର ଓ ଓଡ଼ିଶା ସେଫ୍ଟି ଟ୍ରେନିଙ୍ଗ୍ ଇନଷ୍ଟିଚ୍ୟୁଟ୍, ଅସନାବଣୀ, ରାଇରଙ୍ଗପୁର; ସାଇ ସେଫ୍ଟି ଟ୍ରେନିଙ୍ଗ୍ ଇନ୍ଷ୍ଟିଚ୍ୟୁଟ୍ ଓ ସାଇ ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର, ପୁରୁଣା ବାରିପଦା




*ଆଇଟିଇଟି ଧନ୍ଦାମୂଳକ ତାଲିମ କେନ୍ଦ୍ରର ପ୍ରତିଷ୍ଠାନ କୋଠା*



*ଆଡମିଶନ ହୋଇଥିବା 792 ଛାତ୍ରୀଛାତ୍ରଙ୍କ ପାଇଁ 60 କ୍ଷମତା ବିଶିଷ୍ଟ କେବଳ ଗୋଟିଏ ଶ୍ରେଣୀ ଗୃହ*

ଡିଡବ୍ଲୁଓ, ମୟୁରଭଞ୍ଜ ଦ୍ୱାରା ସୂଚୀତ ହେବା ପରେ ଏବଂ ଏସ୍‌ଡିଟିଇ ଦ୍ୱାରା ସ୍ପଷ୍ଟୀକରଣ ମଗାଯିବା ପରେ ନଭେମ୍ବର 2019 ରେ ଏସ୍‌ଏସ୍‌ଡି ବିଭାଗ ସ୍ୱୀକାର କରିଥିଲା, (କ) ବିଏସ୍‌ଏସ୍ ଏବଂ ଏନ୍‌ସିଭିଆର୍‌ଟି ସହବନ୍ଧିତ ଏଜେନ୍ସୀ ଭାବରେ ପ୍ରାଧିକୃତ ନୁହନ୍ତି ଏବଂ (ଖ) ତେଣୁ ସହବନ୍ଧିତ ଅନୁଷ୍ଠାନଗୁଡ଼ିକ ପ୍ରେରଣାରେ ପିଏମ୍‌ଏସ୍ ପାଇଁ ପଞ୍ଜିକରଣ ଯୋଗ୍ୟ ନୁହନ୍ତି । ଏହା ସୂଚାଇ ଦେଇଛି ଯେ ପିଏମ୍‌ଏସ୍ ଅନୁଦାନ ପାଇଁ ପ୍ରେରଣାରେ ଏହି ଅନୁଷ୍ଠାନଗୁଡ଼ିକ ପଞ୍ଜିକରଣ କରିବା ପୂର୍ବରୁ ଯାଞ୍ଚ ପ୍ରକ୍ରିୟା ସମୟରେ ଯଥାର୍ଥ ତତ୍ପରତା ଦେଖାଇ ପାରିନଥିଲା । ଅଯୋଗ୍ୟ ଅନୁଷ୍ଠାନଗୁଡ଼ିକୁ ଚିହ୍ନଟ ଏବଂ ଅଲଗା କରିବା ପାଇଁ ପ୍ରେରଣା ସଫ୍ଟୱେୟାର ମଧ ସଠିକ୍ ଭାବରେ ସକ୍ଷମ ହୋଇନଥିଲା । ଫଳସ୍ୱରୂପ 15.79 କୋଟି ଟଙ୍କାର ପିଏମ୍‌ଏସ୍ ବିଦ୍ୟମାନ/ ଅଯୋଗ୍ୟ ଅନୁଷ୍ଠାନ ଦ୍ୱାରା ବ୍ୟୟ ହୋଇଥିଲା ।

ଏସ୍‌ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ (କ) ଜିଲ୍ଲାରେ ଅବସ୍ଥିତ ଅନୁଷ୍ଠାନଗୁଡ଼ିକର ପଞ୍ଜିକରଣ ସଂପୃକ୍ତ ଡିଡବ୍ଲୁଓର ଦାୟିତ୍ୱ ଅଟେ । (ଖ) ନୂତନ ପୋର୍ଟାଲରେ (ଓଏସ୍‌ଏସ୍‌ପି) ୟୁଡିଆଇଏସ୍‌ଇ, ଏସ୍‌ଏଏମ୍‌ଏସ୍ ଏବଂ ଏଆଇଏସ୍‌ଏଚ୍‌ଇ ପରି ଡାଟାବେସରୁ ସୂଚନା ଅଦ୍ୟତନ କରିବା ପରେ ସଠିକ୍ ଭାବରେ ସ୍ୱୀକୃତିପ୍ରାପ୍ତ ଏବଂ ପ୍ରାଧିକୃତ ସଂସ୍ଥାଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଥିବା ସୁନିଶ୍ଚିତ କରାଯାଇଥିଲା ।

***ସୁପାରିଶ 6.1:***

***ପିଏମ୍‌ଏସ୍ ଦେୟର ସନ୍ଦେହଜନକ ଠକେଇର କାରଣ ଅନୁସନ୍ଧାନ କରାଯାଇ ଅବହେଳା କରିଥିବା ଅଧିକାରୀଙ୍କୁ ଉତ୍ତରଦାୟୀ କରାଯାଉ ଏବଂ ପିଏମ୍‌ଏସ୍ ଅସୁଲ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ।***

***ସୁପାରିଶ 6.2:***

***ଓଏସ୍‌ଏସ୍‌ପିର ସ୍କିମ୍ ପୋର୍ଟାଲରେ ପଞ୍ଜିକରଣ ପୂର୍ବରୁ ଅନୁଷ୍ଠାନ ଗୁଡିକର ନିରୀକ୍ଷଣ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା କରାଯିବାକୁ ଥିବା ନିରୀକ୍ଷଣ ମାତ୍ରା ତଥା ବେସରକାରୀ ଅନୁଷ୍ଠାନ ଗୁଡିକରେ ଯାଞ୍ଚ କରାଯିବାକୁ ଥିବା ନଥିପତ୍ରଗୁଡିକ ନିର୍ଦ୍ଧାରିତ କରିବା ପାଇଁ ଏସ୍‌ଏସ୍‌ଡି ବିଭାଗ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରିପାରେ ।***

## 6.1.2 ଶିକ୍ଷାରୁ ନିବୃତ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପିଏମ୍‌ଏସ୍ ପ୍ରାପ୍ତି

### *6.1.2.1 ଛାତ୍ରୀଛାତ୍ରମାନଙ୍କୁ ପିଏମ୍‌ଏସ୍ ପ୍ରଦାନ*

ଏସି/ଏସ୍‌ଟି/ଓବିସି/ଇବିସି ଛାତ୍ରୀଛାତ୍ରମାନଙ୍କ ସମ୍ବନ୍ଧରେ ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ପିଏମ୍‌ଏସ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଯଦି କୌଣସି ଅନୁଷ୍ଠାନ ଦ୍ୱାରା ଯେକୌଣସି ସମୟରେ ରିପୋର୍ଟ କରାଯାଇଥାଏ ଯେ ଜଣେ ବିଦ୍ୟାର୍ଥୀ ଶିକ୍ଷାଗତ ପାଠ୍ୟକ୍ରମ ଅର୍ଜନ କରିବା ସମୟରେ ସନ୍ତୋଷଜନକ ଅଗ୍ରଗତି କରିବାରେ ବିଫଳ ହୋଇଥାନ୍ତି କିମ୍ବା ସେଠାରେ ଉପଯୁକ୍ତ ଅନୁମତି ବିନା ଅନୁପସ୍ଥିତି ସମ୍ବନ୍ଧୀୟ ଅନିୟମିତତା ଇତ୍ୟାଦି ରହିଥାଏ, ତେବେ ବୃତ୍ତି ମଞ୍ଜୁର କରୁଥିବା କର୍ତ୍ତୃପକ୍ଷ ବୃତ୍ତିକୁ ବାତିଲ୍ କରିପାରିବେ କିମ୍ବା ଅଧିକ ଦେୟ ବନ୍ଦ କରିପାରିବେ, ଯାହା ସେ ପ୍ରଯୁଜ୍ୟ ମନେ କରିବେ । ଅଧିକନ୍ତୁ ଏସ୍‌ସି/ ଏସ୍‌ଟି/ ଓବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ପିଏମ୍‌ଏସ୍ ମାର୍ଗଦର୍ଶିକାରେ ଦର୍ଶାଯାଇଛି ଯେ ଜଣେ ଛାତ୍ରୀଛାତ୍ର ଯଦି ବର୍ଷକ ମଧ୍ୟରେ ପିଏମ୍‌ଏସ୍ ପ୍ରଦାନ କରାଯାଇଥିବା ପାଠ୍ୟକ୍ରମ ବାତିଲ୍ କରିଦିଅନ୍ତି, ତାହାହେଲେ ତାଙ୍କୁ ବୃତ୍ତି ରାଶି ଫେରସ୍ତ କରିବାକୁ ପଡ଼ିବ ।

ପ୍ରେରଣା ଏବଂ ଓଏସ୍‌ଏସ୍‌ପି ଡାଟାବେସ୍ ଏବଂ ଏସ୍‌ଏସ୍‌ଡି ବିଭାଗ, ଆଠଟି ପରୀକ୍ଷା ଯାଞ୍ଚ ଜିଲ୍ଲାର ଡିଡବ୍ଲୁଓ ଏବଂ 69 ଟି ନମୁନା ଅନୁଷ୍ଠାନ ଦ୍ୱାରା ଦାଖଲ ହୋଇଥିବା ଦେୟ ଫାଇଲର ବିଶ୍ଳେଷଣରୁ ଅଡିଟ୍ ଜାଣିବାକୁ ପାଇଲା ଯେ 2017-21 ମଧ୍ୟରେ ଛଅଟି ନମୁନା ଜିଲ୍ଲାର 22 ଟି ନମୁନା ପ୍ରତିଷ୍ଠାନର 2,996 ଜଣ ଛାତ୍ରୀଛାତ୍ର ମଧ୍ୟ ଭାଗରେ ସେମାନଙ୍କ ପାଠ୍ୟକ୍ରମ ଛାଡ଼ିଥିଲେ । ତଥାପି ସେହି ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟକ୍ରମ ଛାଡ଼ିବା ପରେ ମଧ 7.36 କୋଟି ଟଙ୍କାର ପିଏମ୍‌ଏସ୍ ପ୍ରଦାନ କରାଯାଇଥିଲା । ଜିଲ୍ଲା ଅନୁଯାୟୀ ଅନୁଷ୍ଠାନଗୁଡ଼ିକ, ପିଏମ୍‌ଏସ୍ ପାଇଥିବା ଏହିପରି ଛାତ୍ରୀଛାତ୍ରମାନଙ୍କ ସଂଖ୍ୟା ଏବଂ ତଦ୍‌ଜନିତ ରାଶିର ପରିମାଣ ନିମ୍ନ ସାରଣୀରେ ଉଲ୍ଲେଖ କରାଯାଇଛି ।

***ସାରଣୀ 6.2: ଶିକ୍ଷାରୁ ନିବୃତ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପିଏମ୍‌ଏସ୍ ପ୍ରଦାନ***

| ବର୍ଷ | ଜିଲ୍ଲା | ଅନୁଷ୍ଠାନ ସଂଖ୍ୟା | ଛାତ୍ରୀଛାତ୍ର ସଂଖ୍ୟା | ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|---|---|
| 1. | ଗଜପତି | 5 | 113 | 7.65 |
| 2. | ଝାରସୁଗୁଡ଼ା | 2 | 30 | 13.74 |
| 3. | କଳାହାଣ୍ଡି | 1 | 22 | 1.89 |
| 4. | ମାଲକାନଗିରି | 2 | 121 | 5.44 |
| 5. | ମୟୁରଭଞ୍ଜ | 8 | 2,619 | 698.00 |
| 6. | ସୁନ୍ଦରଗଡ଼ | 4 | 91 | 9.43 |
| **ମୋଟ** | | **22** | **2,996** | **736.15** |

***(ଉତ୍ସ: ଏସ୍‌ଏସ୍‌ଡି ବିଭାଗ ଏବଂ ଡିଡବ୍ଲୁଓରୁ ପ୍ରାପ୍ତ ସୂଚନା)***

ଅଡିଟ୍ ଲକ୍ଷ୍ୟ କଲେ ଯେ ସଂପୃକ୍ତ ଅନୁଷ୍ଠାନଗୁଡ଼ିକର କର୍ତ୍ତୃପକ୍ଷ ପ୍ରଯୁଜ୍ୟ ପାଠ୍ୟକ୍ରମର ପରବର୍ତ୍ତୀ ବର୍ଷ ପାଇଁ ଡିଡବ୍ଲୁଓକୁ ଅନୁମୋଦନ ପାଇଁ ସେମାନଙ୍କ ନବୀକରଣ ଆବେଦନକୁ ସୁପାରିଶ କରିବା ପୂର୍ବରୁ ଯାଞ୍ଚ କରି ନଥିଲେ କିମ୍ବା ପିଏମ୍‌ଏସ୍ ପାଇଁ ଛାତ୍ରୀଛାତ୍ରମାନଙ୍କ ଅଯୋଗ୍ୟତା ଯାଞ୍ଚରେ ଅଣଦେଖା କରିଥିଲେ । ଆହୁରି ମଧ୍ୟ, ପ୍ରେରଣା ଏବଂ ଓଏସ୍‌ଏସ୍‌ପି ପୋର୍ଟାଲ ଗୁଡ଼ିକରେ ପିଏମ୍‌ଏସ୍ ପାଇଁ ଛାତ୍ରୀଛାତ୍ରମାନଙ୍କ ଯୋଗ୍ୟତାକୁ ବିଚାର କରି ଆବେଦନକାରୀଙ୍କୁ ସକ୍ରିୟ/ ପାଠ ଛାଡ଼ିଥିଲେ ବୋଲି ଚିହ୍ନିତ କରିବାର ବ୍ୟବସ୍ଥା ନଥିଲା । ଏହିପରି ଏକ ଦୃଷ୍ଟାନ୍ତମୂଳକ ମାମଲା ***ଅନୁଚ୍ଛେଦ 6.1.2.2*** ରେ ଆଲୋଚନା କରାଯାଇଅଛି ।

ଏସ୍‌ଏସ୍‌ଡି ବିଭାଗ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ଅଡିଟ୍‌ରେ ସୂଚିତ କରାଯାଇଥିବା ସ୍ୱେଚ୍ଛାକୃତ କାରସାଦି ମାମଲା, ଯାଞ୍ଚ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଡିଡବ୍ଲୁଓମାନଙ୍କୁ ଜଣାଇ ଦିଆଯାଇଛି ।

### *6.1.2.2 ଏସ୍ଏସ୍ଆଇଟିର ନିବୃତ ଛାତ୍ରୀଛାତ୍ରମାନଙ୍କୁ ପିଏମ୍ଏସ୍ ଅନୁମୋଦନ*

ପରୀକ୍ଷା ଯାଞ୍ଚ ହୋଇଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଗୋଟିଏ ଅର୍ଥାତ୍ ମୟୁରଭଞ୍ଜ ଜିଲ୍ଲାର ସାକୁଟାଲା ସୁଦର୍ଶନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏସ୍ଏସ୍ଆଇଟି) ରେ 2,176 ଏସ୍ସି/ ଏସ୍ଟି ଛାତ୍ରୀଛାତ୍ରଙ୍କୁ 6.41 କୋଟି ଟଙ୍କାର ପିଏମ୍ଏସ୍, 2016-20 ବର୍ଷ ମଧ୍ୟରେ ପ୍ରଦାନ କରାଯାଇଥିଲା, ଯାହା ନିମ୍ନ ସାରଣୀରେ ବର୍ଣ୍ଣନା କରାଯାଇଛି ।

*ସାରଣୀ 6.3: 2016-20 ମଧ୍ୟରେ ଏସ୍ଏସ୍ଆଇଟିର ଏସ୍ସି/ଏସ୍ଟି ଛାତ୍ରୀଛାତ୍ରମାନଙ୍କୁ ପିଏମ୍ଏସ୍ ବଣ୍ଟନ*

| ବର୍ଷ | ଆବେଦନ ପତ୍ର ଦାଖଲ କରିଥିବା ଆବେଦନକାରୀଙ୍କ ସଂଖ୍ୟା | ପିଏମ୍ଏସ୍ ପାଇଥିବା ଆବେଦନକାରୀଙ୍କ ସଂଖ୍ୟା | ପରିମାଣ (ଟଙ୍କା ଲକ୍ଷରେ) |
|---|---|---|---|
| 2016-17 | 295 | 293 | 101.09 |
| 2017-18 | 640 | 622 | 177.59 |
| 2018-19 | 691 | 685 | 192.41 |
| 2019-20 | 606 | 576 | 169.76 |
| ମୋଟ | **2,232** | **2,176** | **640.85** |

*(ଉତ୍ସ: ପ୍ରେରଣା ଡାଟାବେସ୍)*

ଅଡିଟ୍ ଜାଣିବାକୁ ପାଇଲା ଯେ ଏହି ଅନୁଷ୍ଠାନ ତିନିବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ ଚଳାଉଥିଲା, ଯେଉଁଥିରେ 1,369 ଜଣ ଛାତ୍ରୀଛାତ୍ର[61] 2016-20[62] ଅବଧିରେ ଆଡମିଶନ ନେଇଥିଲେ । ଅଡିଟ୍ 2016-19 ଏବଂ 2017-20 ବର୍ଷର ସେମିଷ୍ଟାର ଫଳାଫଳକୁ ବିଶ୍ଳେଷଣ କରି ଜାଣିବାକୁ ପାଇଲା ଯେ ଯଥାକ୍ରମେ 138 ଏବଂ 142 ଜଣ ଛାତ୍ରୀଛାତ୍ର ଅନ୍ତିମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନଥିଲେ ଏବଂ ସେମାନଙ୍କ ଅଧ୍ୟୟନ ବନ୍ଦ କରି ଦେଇଥିଲେ । ତଥାପି ସେମାନେ ପିଏମ୍ଏସ୍ ପାଇଁ ଆବେଦନ କରିଥିବା ଜଣାପଡ଼ିଥିଲା ଓ ଏସ୍ଏସ୍ଆଇଟି ମଧ୍ୟ ପିଏମ୍ଏସ୍ ପାଇଁ

*ଚିତ୍ର 6.1: ବ୍ୟାଙ୍କକୁ ଯୋଗାଇଥିବା ମାଣ୍ଡେଟ୍ ଫର୍ମ*



1

Date:-

To

The Chief Manager
Bank of Boroda
[redacted]

Sub:-Herewith authorization letter to transfer the PRERANA amount from my SB A/C No:-

Sir

Most respectfully, I Sri/Kumari [redacted] student of SSIT (polytechnic) bearing a student saving account No [redacted] at your branch, hereby giving herewith authorize to transfer my PRERANA amount to SSIT (polytechnic), Kalakad for reimbursement of expenses incurred regarding the College Fees, HOSTEL fees and other administrative expenses by the SSIT (polytechnic) for four years/ till completion of my course. Kindly do the needful.

Thanking You
Yours Faithfully

Secretary
SSIT (Polytechnic), Karanja, MBJ.

[redacted]
Signature of student

2016-20 ଅବଧି ପାଇଁ ଦୁଇଟି ବ୍ୟାଚ୍ (2016-19 ଓ 2017-20) ପାଇଁ ସେମାନେ ଯୋଗ୍ୟ ଥିବା ଦର୍ଶାଇ ସେମାନଙ୍କର ନବୀକରଣ ଆବେଦନ ଗୁଡ଼ିକୁ ଡିଡବ୍ଲୁଓ, ମୟୁରଭଞ୍ଜଙ୍କ ନିକଟକୁ ପଠାଇଥିଲେ ।

[61] ଏସ୍ସି: 218, ଏସ୍ଟି: 1,027 ଏବଂ ସାଧାରଣ: 124

[62] 2016-17: 315; 2017-18: 370; 2018-19: 314 ଏବଂ 2019-20: 370

ପରବର୍ତ୍ତୀ ସମୟରେ, ସେମାନଙ୍କୁ 2.36 କୋଟି ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା । ପିଏମ୍ଏସ୍ ପ୍ରକୃତରେ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଇଛି କି ନାହିଁ ତାହା ନିଶ୍ଚିତ କରିବାକୁ ଏହିପରି 63 ଜଣ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଯାଞ୍ଚରେ ଏହା ଦେଖାଗଲା ଯେ 2016-20 ଅବଧି ପାଇଁ ପିଏମ୍ଏସ୍ ବାବଦକୁ ସେମାନଙ୍କ ଦ୍ୱାରା ପ୍ରାପ୍ତ 2.36 କୋଟି ଟଙ୍କା ସଂପୃକ୍ତ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦସ୍ତଖତ କରାଯାଇ ବ୍ୟାଙ୍କ ଗୁଡ଼ିକରେ ଦାଖଲ କରାଯାଇଥିବା ଆଦେଶ ବଳରେ (ଛାତ୍ରୀଛାତ୍ରମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଇନଷ୍ଟିଚ୍ୟୁଟ୍ ବ୍ୟାଙ୍କ ଆକାଉଣ୍ଟକୁ ସମଗ୍ର ବୃତ୍ତି ରାଶି ଅନ୍ତରଣ କରିବାକୁ ଛାତ୍ରୀଛାତ୍ରମାନଙ୍କ ପାଇଁ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ଏକ ଫର୍ମାଟ୍) ଏସ୍ଏସ୍ଆଇଟିର ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା ତେଣୁ ସନ୍ଦେହଜନକ ଜାଲିଆତି ମାଧ୍ୟମରେ ସେମାନଙ୍କର ଖର୍ଚ୍ଚ ପାଇଁ ପିଏମ୍ଏସ୍ ହାସଲ କରିବାରେ ଏସ୍ଏସ୍ଆଇଟି ପରିଚାଳନାର ସଂପୃକ୍ତିକୁ ଏଡ଼ାଇ ଦିଆଯାଇପାରିବ ନାହିଁ, ନିମ୍ନଲିଖିତ ବିଷୟରୁ ସ୍ପଷ୍ଟ ।

- ***ଦସ୍ତଖତ ମେଳ ନଖାଇବା*** : 2016-17 ବର୍ଷର ପିଏମ୍ଏସ୍ ପାଇଁ ଆବେଦନ ପତ୍ରରେ ଥିବା 41 ଜଣ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସେମାନଙ୍କର 2017-18 ଏବଂ 2018-19 ବର୍ଷ ପାଇଁ ଆବେଦନ ପତ୍ରରେ ଥିବା ଦସ୍ତଖତ ସହିତ ମେଳ ଖାଉନଥିଲା । ଅଡିଟ୍ ଅଧିକାରୀଙ୍କ ଦ୍ୱାରା ପିଏମ୍ଏସ୍ ପ୍ରାପ୍ତି କରିଥିବା 14 ପ୍ରାପ୍ତକର୍ତ୍ତାଙ୍କ ହିତାଧିକାରୀ ସାକ୍ଷାତ୍କାର ସମୟରେ ସଂପୃକ୍ତ ପ୍ରାପ୍ତକର୍ତ୍ତାମାନେ କହିଥିଲେ ଯେ ସେମାନେ 2016-20 ପାଠ୍ୟକ୍ରମ ଅବଧି ମଧ୍ୟରେ ପିଏମ୍ଏସ୍ ପାଇଁ କୌଣସି ଆବେଦନ ଦାଖଲ କରିନାହାନ୍ତି ।

- ***ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ଏସ୍ଏସ୍ଆଇଟିର ଭୂମିକା :*** 1,077 ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଗୋଟିଏ ବ୍ୟାଙ୍କରେ ଯଥା ବ୍ୟାଙ୍କ ଅଫ୍ ବରୋଦା, ଚର୍ଚ୍ଚ କମ୍ପାଉଣ୍ଡ ଶାଖା ବାଲେଶ୍ୱରରେ ଖୋଲା ଯାଇଥିବା ଜଣାପଡ଼ିଥିଲା ଯାହା ଏସ୍ଏସ୍ଆଇଟି ଠାରୁ 130 କିଲୋମିଟର ଦୂର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବରଗୁଡ଼ିକ କ୍ରମିକ ଭାବରେ ବଣ୍ଟନ କରାଯାଇଥିଲା । ଏହି ସମସ୍ତ ମାମଲାରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ପରିଚୟକାରୀ, ଏସ୍ଏସ୍ଆଇଟିର ଅଫିସ୍ କର୍ମଚାରୀ ଥିଲେ ଏବଂ ଆକାଉଣ୍ଟରେ ଦିଆଯାଇଥିବା ମୋବାଇଲ୍ ଫୋନ ନମ୍ବର ଗୁଡ଼ିକ ଏସ୍ଏସ୍ଆଇଟିର ଥିଲା । ହିତାଧିକାରୀ ସାକ୍ଷାତକାରରେ 14 ହିତାଧିକାରୀଙ୍କ ମଧ୍ୟରୁ 12 ଜଣ ଏହି ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ପିଏମ୍ଏସ୍ ବୃତ୍ତି ଏସ୍ଏସ୍ଆଇଟି ବ୍ୟାଙ୍କ ଆକାଉଣ୍ଟକୁ ଅନ୍ତରଣ କରିବାକୁ ବ୍ୟାଙ୍କକୁ କ୍ଷମତା ପ୍ରଦାନ କରିବା ପାଇଁ ମାଣ୍ଡେଟ୍ ଫର୍ମରେ ଦସ୍ତଖତ କରିବା ବିଷୟରେ ଅଜ୍ଞତା ପ୍ରକାଶ କରିଥିଲେ ।

ଏହିପରି, ଅଯୋଗ୍ୟ/ ନକଲି ହିତାଧିକାରୀଙ୍କୁ ଅଲଗା କରିବା ବାବଦରେ ଆଇଟି ସିଷ୍ଟମରେ ବ୍ୟବସ୍ଥା ନଥିବାରୁ, ନକଲି/ ଅଯୋଗ୍ୟ ଛାତ୍ରୀଛାତ୍ରଙ୍କ ନାମରେ ପିଏମ୍ଏସ୍‌ର ବଣ୍ଟନ ସୁଗମ କରିଥିଲା । ଆହୁରି ମଧ୍ୟ, ଡିଡବ୍ଲୁଓ ଏବଂ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଡିବିଟି ଅନୁଯାୟୀ ଖାତାଗୁଡ଼ିକର ବିସ୍ତୃତ ଯାଞ୍ଚ ଏବଂ ଆଧାର ସହ ଲିଙ୍କ ଇତ୍ୟାଦି କରିବାରେ ବିଫଳତା ସହିତ ସଂପୃକ୍ତ ଅନୁଷ୍ଠାନଗୁଡ଼ିକର ସଂପୃକ୍ତି ହେତୁ, ସନ୍ଦେହଜନକ ଜାଲିଆତି ଦ୍ୱାରା ପିଏମ୍ଏସ୍ ପାଣ୍ଠିର ଦୁରୁପଯୋଗ ହୋଇଥିଲା ।

ଏସ୍ଏସ୍ଡି ବିଭାଗ ଦ୍ୱାରା ଉତ୍ତର ଦିଆଯାଇ ନଥିଲା ।

***ସୁପାରିଶ 6.3:***

***ମଞ୍ଜୁର କରିବା ପୂର୍ବରୁ, ପାଠ୍ୟକ୍ରମ ଜାରି ରଖିଥିବା ବିଷୟକୁ ଯାଞ୍ଚ କରିବା ପାଇଁ ପରବର୍ତ୍ତୀ ବର୍ଷଗୁଡ଼ିକରେ ପାଠ୍ୟକ୍ରମ ଜାରି ରଖିଥିବା ଛାତ୍ରୀଛାତ୍ରଙ୍କ ତାଲିକା, ସେମାନଙ୍କ ଆବେଦନପତ୍ର ସହିତ ସଂପୃକ୍ତ ଡିଡବ୍ଲୁଓଙ୍କ ନିକଟକୁ ପଠାଇବା ପାଇଁ ଅନୁଷ୍ଠାନ ଗୁଡ଼ିକୁ କୁହାଯାଇପାରେ ।***

### 6.1.3 ଆବେଦନ ଗ୍ରହଣ ଏବଂ ଅସ୍ତିତ୍ୱହୀନ ହିତାଧିକାରୀଙ୍କୁ ପିଏମ୍ଏସ୍ ଦେୟ

ପ୍ରେରଣା ଡାଟାବେସ୍‌ର ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଲା ଯେ 2016-17 ରୁ 2020-21 ଶିକ୍ଷା ବର୍ଷ ପାଇଁ ପିଏମ୍ଏସ୍ ପାଇଁ ତିନୋଟି ଜିଲ୍ଲାରେ 14 ଟି ଅନୁଷ୍ଠାନର 69 ଜଣ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନଗୁଡ଼ିକୁ ଅଧକ୍ଷଙ୍କ ଦ୍ୱାରା ଆବଶ୍ୟକ ଯାଞ୍ଚ ପରେ ଅନୁମୋଦନ ପାଇଁ ଡିଡବ୍ଲୁଓମାନଙ୍କ ନିକଟକୁ ପଠାଯାଇଥିଲା । ଡିଡବ୍ଲୁଓମାନଙ୍କ ଦ୍ୱାରା ଅନୁମୋଦନ ପରେ, 14.17 ଲକ୍ଷ ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା ଯାହାର ବିବରଣୀ ନିମ୍ନ ସାରଣୀରେ ଉଲ୍ଲେଖ କରାଗଲା ।

***ସାରଣୀ 6.4: ଅସ୍ତିତ୍ୱହୀନ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ***

| କ୍ର.ସଂ. | ଜିଲ୍ଲାର ନାମ | ଏକାଡେମିକ ବର୍ଷ | ଅନୁଷ୍ଠାନ ସଂଖ୍ୟା | ଛାତ୍ରୀଛାତ୍ର ସଂଖ୍ୟା | ପରିମାଣ (ଟଙ୍କାରେ) |
|---|---|---|---|---|---|
| 1 | କଳାହାଣ୍ଡି | 2016-17 | 9 | 44 | 7,68,711 |
| | | 2018-19 | | 6 | 56,015 |
| 2 | ଝାରସୁଗୁଡ଼ା | 2016-17 | 4 | 10 | 1,61,747 |
| | | 2017-18 | | 3 | 1,35,000 |
| | | 2019-20 | | 3 | 1,35,000 |
| | | 2020-21 | | 2 | 88,400 |
| 3 | ସୁନ୍ଦରଗଡ଼ | 2018-19 | 1 | 1 | 72,000 |
| | **ମୋଟ** | | **14** | **69** | **14,16,873** |

***(ଉତ୍ସ: ଅନୁଷ୍ଠାନଗୁଡ଼ିକରୁ ପ୍ରାପ୍ତ ସୂଚନା)***

ଅଡିଟ୍ ସଂପୃକ୍ତ 14 ଟି ଅନୁଷ୍ଠାନର ଆଡମିଶନ ରେଜିଷ୍ଟର ଏହି 69 ଆବେଦନକାରୀଙ୍କ ବିବରଣୀ ଯାଞ୍ଚ କରିଥିଲା ଏବଂ ଉକ୍ତ ରେଜିଷ୍ଟରଗୁଡ଼ିକରେ ସେମାନଙ୍କ ନାମ ପାଇ ନଥିଲା । ତଦନ୍ତରେ, ଅନୁଷ୍ଠାନର ଅଧକ୍ଷମାନେ ନିଶ୍ଚିତ କରିଥିଲେ (ନଭେମ୍ବର ଏବଂ ଡିସେମ୍ବର 2021) ଯେ ସେପରି କୌଣସି ଛାତ୍ରୀଛାତ୍ର ସେମାନଙ୍କ ଅନୁଷ୍ଠାନରେ ନାମ ଲେଖାଇ ନଥିଲେ । ଅଧିକ ବିଶ୍ଳେଷଣରୁ ଅଡିଟ୍, ନିମ୍ନଲିଖିତ ତ୍ରୁଟିଗୁଡ଼ିକୁ ଲକ୍ଷ୍ୟ କଲା:

- 69 ହିତାଧିକାରୀଙ୍କ ମଧ୍ୟରୁ 11 ଟି ଅନୁଷ୍ଠାନର 52 ହିତାଧିକାରୀଙ୍କୁ 2018-21 ଅବଧି ମଧ୍ୟରେ ପିଏମ୍ଏସ୍ ବାବଦରେ 10.07 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା, କିନ୍ତୁ, ସେମାନେ ପ୍ରେରଣା ପୋର୍ଟାଲରେ ପଞ୍ଜୀକୃତ ହୋଇନଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ତ୍ରୁଟି (ଯଥା ଅଣ-ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କୁ ଦେୟ ପ୍ରଦାନ) ଉପରେ ବିଭାଗ/ ଡିଡବ୍ଲୁଓ ପାଖରେ କୌଣସି ସ୍ପଷ୍ଟୀକରଣ ଉପଲବ୍ଧ ନଥିଲା ।

- ଅବଶିଷ୍ଟ ଛଅଟି ଅନୁଷ୍ଠାନର 17 ହିତାଧିକାରୀଙ୍କ କ୍ଷେତ୍ରରେ ଏହା ଦେଖାଗଲା ଯେ ଯଦିଓ ସେମାନେ ସମସ୍ତେ ପ୍ରେରଣା ପୋର୍ଟାଲରେ ପଞ୍ଜୀକୃତ ହୋଇଥିଲେ, କେବଳ ଛଅ ଜଣ ଛାତ୍ରୀଛାତ୍ରଙ୍କ ବିବରଣୀ ଡିଡବ୍ଲୁଓକୁ ପଠାଯାଇଥିଲା ଏବଂ 2.31 ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନଗୁଡ଼ିକ ଅବଶିଷ୍ଟ 11 ଜଣ ଛାତ୍ରୀଛାତ୍ରଙ୍କ ଆବେଦନକୁ ଡିଡବ୍ଲୁଓକୁ ପଠାଇ ନଥିଲେ, କିନ୍ତୁ ସେହି ଛାତ୍ରୀଛାତ୍ରମାନଙ୍କୁ 1.79 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ତେଣୁ, ବିଭାଗ ତଥା ଡିଡବ୍ଲୁଓ ସ୍ତରରେ ଯାଞ୍ଚ ଏବଂ ସନ୍ତୁଳନର ଉଲ୍ଲେଖନୀୟ ଅଭାବରୁ ଅନିୟମିତତା ଦେଖା ଦେଇଥିଲା, ଯାହା ଉପରେ ଉଲ୍ଲେଖ କରାଯାଇଛି ।

- ଅଡିଟ୍ ଲକ୍ଷ୍ୟ କଲେ ଯେ (କ) ଅନୁଷ୍ଠାନଗୁଡ଼ିକର କର୍ତ୍ତୃପକ୍ଷ ବୃତ୍ତି ରାଶି ଅନ୍ତରଣ କରବା ପାଇଁ ଛାତ୍ରୀଛାତ୍ରଙ୍କ ଦସ୍ତାବିଜକୁ ବ୍ୟବହାର କରି ଥିଲେ ଏବଂ (ଖ) ଡିଡବ୍ଲୁଓ ଏବଂ ବିଭାଗ 14.17 ଲକ୍ଷ ଟଙ୍କାର ପିଏମ୍ଏସ୍ ରାଶି ବଣ୍ଟନ କରୁଥିବା ବେଳେ ଯାଞ୍ଚରେ ଯଥାର୍ଥ ତତ୍ପରତା ଦେଖାଇ ନଥିଲେ, ଯେହେତୁ ଏହା ପ୍ରେରଣା ପୋର୍ଟାଲରେ ଏବଂ ସଂପୃକ୍ତ ଅନୁଷ୍ଠାନ ଗୁଡ଼ିକରେ ଛାତ୍ରୀଛାତ୍ର ପଞ୍ଜିକରଣକୁ

ନିଶ୍ଚିତ ନକରି କରାଯାଇଥିଲା । ତେଣୁ, ଉତ୍ତରଦାୟୀ କରିବା ଏବଂ ବେଆଇନ ଉପାୟ ମାଧ୍ୟମରେ ଉଠାଯାଇଥିବା 14.17 ଲକ୍ଷ ଟଙ୍କାର ଅସୁଲି ପାଇଁ ଏହି ମାମଲା ଅଧିକ ଅନୁସନ୍ଧାନ ଯୋଗ୍ୟ ଅଟେ ।

ଏସ୍ଏସ୍ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ଅଡିଟ୍‌ରେ ଦର୍ଶାଯାଇଥିବା ବିଷୟର ବିସ୍ତୃତ ଅନୁସନ୍ଧାନ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ଡିଡବ୍ଲୁଓଙ୍କୁ କହିଛନ୍ତି ।

**ଭୁବନେଶ୍ୱର** **(ରାଜ କୁମାର)**

**ତାରିଖ** 23 MAY 2023

**ପ୍ରଧାନ ମହାଲେଖାକାର (ଅଡିଟ୍-I)**
**ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆଦିଲ୍ଲୀ** **(ଗିରୀଶ ଚନ୍ଦ୍ର ମୁର୍ମୁ)**

**ତାରିଖ** 01 JUN 2023

**ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ**